## ସାପ କାମୁଡ଼ାରେ ମହିଳା ମୃତ

ବାଲେଶ୍ୱର, (ବାଞ୍ଛାନିଧି ଦେ)-ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ବଳବୁଦ୍ଧି ଗ୍ରାମରେ ସୋମବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଜଗବନ୍ଧୁ ମଲ୍ଲିକଙ୍କ ସ୍ତ୍ରୀ ସୁମିତ୍ରା (୬୫)। ସେ ସକାଳେ ଚାଷଜମିକୁ ବୁଲିବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ବସ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୭/୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ସଂକ୍ଷେପରେ

### ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ଜନଶୁଣାଣି ସ୍ଥଗିତ

ବାଲିଆପାଳ, ୨୧।୧୦(ଗୋପାଳ ଚନ୍ଦ୍ର ସାହୁ)

ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ଦାନା' ପାଇଁ ମଙ୍ଗଳବାର ଉଗରା ମକରପଡ଼ିଆଠାରେ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପାଇଁ ହେବାକୁ ଥିବା ଜନଶୁଣାଣିକୁ ସରକାର ସ୍ଥଗିତ ରଖିଥିବା ବାଲିଆପାଳ ତହସିଲଦାର ଜନକ କୁମାର ନାୟକ କହିଛନ୍ତି। ପ୍ରକାଶଥାଉ କି, ଚଉମୁଖଠାରେ ବନ୍ଦର ନିର୍ମାଣ ପାଇଁ ବ୍ୟାପକ ଭାବେ ବିରୋଧ ହେବା ଦ୍ୱାରା କୌଣସି କାର୍ଯ୍ୟ ଆଗେଇପାରୁନାହିଁ। ଜନସାଧାରଣଙ୍କ ଏକାନ୍ତ ଦାବି ଯେଉଁଠାରେ ବନ୍ଦର ହେବ ସେଠିକାର ଲୋକଙ୍କୁ ନେଇ ବନ୍ଦର କର୍ତ୍ତୃପକ୍ଷ ଓ ସରକାରଙ୍କ ମଧ୍ୟରେ ପ୍ରଥମେ ଜନଶୁଣାଣି କରାଯାଉ। ହେଲେ ସରକାର ପ୍ରଥମେ ଜନଶୁଣାଣି ଗତ ୭ତାରିଖରେ ବାସୁଦେବପୁର ପଡ଼ିଆରେ କରିବାର ସିଦ୍ଧାନ୍ତ କରିଥିଲେ। ମାତ୍ର ବନ୍ଦର ପ୍ରତିଷ୍ଠା ହେବା ସ୍ଥାନ ଚଉମୁଖଠାରୁ ବାସୁଦେବପୁରକୁ ୩୦ କି.ମି. ଦୂର ହେଉଥିବାରୁ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ହାଇକୋର୍ଟ ଦ୍ୱାରସ୍ଥ ହେବା ପରେ ଉକ୍ତ ସ୍ଥାନରେ ଜନଶୁଣାଣି ବନ୍ଦ ହୋଇଥିଲା। ପରେ ସ୍ଥାନ ପରିବର୍ତ୍ତନ କରାଯାଇ ସମୁଦ୍ରକୂଳ ଉଗରା ମକରପଡ଼ିଆଠାରେ ୨୨ତାରିଖରେ ଜନଶୁଣାଣି ପାଇଁ ସମସ୍ତ ବ୍ୟବସ୍ଥା ହେବା ପରେ ମଧ୍ୟ ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା ପାଇଁ ଜିଲାପାଳଙ୍କ ରାଜସ୍ୱ ବିଭାଗ ଚିଠି ନମ୍ବର ୭୦୮୫ /୨୦୨୪ ଉକ୍ତ ଜନଶୁଣାଣି ସ୍ଥଗିତ ରଖାଯାଇଛି।

### ଢେଙ୍କାନାଳରୁ ଅପହୃତ ଛାତ୍ର ୪ ଦିନ ପରେ ଉଦ୍ଧାର

ଜଳେଶ୍ୱର, ୨୧।୧୦ (ରବିନାରାୟଣ ପାତ୍ର)

ଢେଙ୍କାନାଳ ଜିଲା ମଙ୍ଗଳପାଟଣା ଏଗ୍ରି ପଲିଟେକ୍ନିକ୍ କଲେଜର ଯୁକ୍ତ ୩ ଛାତ୍ର ଶିବସୁନ୍ଦର ପରିଡ଼ା(୧୭) ୧୬ ତାରିଖରେ ଘରକୁ ଫେରୁଥିବା ବେଳେ ଅପହୃତ ହୋଇଥିଲେ। ୨୦ତାରିଖ ଭୋର ସମୟରେ ବାଲେଶ୍ୱର ଜିଲା ୬୦ନଂ ଜାତୀୟ ରାଜପଥର ଶାନ୍ତିଆଠାରେ ତାଙ୍କୁ ଉଦ୍ଧାର କରାଯାଇଛି। ଢେଙ୍କାନାଳ ଜିଲା ନିକିଦେଇ ଥାନା କନ୍ଦରପୁର ଗାଁର ଶ୍ରୀନିବାସ ପରିଡ଼ାଙ୍କ ପୁଅ ଶିବସୁନ୍ଦର ନିଖୋଜ ଥିବା ନେଇ ତାଙ୍କ ଭାଇ ବିରଞ୍ଚି ନାରାୟଣ ନିକିରେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା(ନଂ. ୬୭୮/୨୪) ରୁଜୁ ହୋଇଥିଲା। ଶିବସୁନ୍ଦର ଉକ୍ତ ଦିନ କଲେଜରୁ ଫେରୁଥିବା ବେଳେ ଏକ ଧଳା ବୋଲେରୋରେ ୫ଜଣ ଅଜଣା ବ୍ୟକ୍ତି ତାଙ୍କୁ ଡାକି ଠିକଣା ପଚାରିବା ବାହାନାରେ ଅଟକାଇବା ସହିତ ଗାଡି ଭିତରକୁ ଘୋଷାରି ନେଇ ସଂଜ୍ଞାହୀନ କରାଇ ଦେଇଥିଲେ। ସଂଜ୍ଞାହୀନ ଭାବେ ସେ ଥିବା ବେଳେ ଗତ ୧୯ତାରିଖ ପୂର୍ବାହ୍ନ ୧୧ଟା ବେଳେ ଶିବସୁନ୍ଦରଙ୍କ ଚେତା ଫେରିଥିଲା। ଯୁବକମାନେ ଶିବସୁନ୍ଦରଙ୍କ ସହିତ ଅନ୍ୟ ୨ଜଣ ନାବାଳକଙ୍କୁ ମଧ୍ୟ ସେପରି ଚେତାଶୂନ୍ୟ ଭାବେ ରଖିଥିବା ଦେଖି ସେ ଭୟରେ ପୁଣିଥରେ ସଂଜ୍ଞାହୀନ ହୋଇଯାଇଥିଲେ। ୨୦ତାରିଖ ଭୋର ସମୟରେ ୬୦ନଂ. ଜାତୀୟ ରାଜପଥର ଶାନ୍ତିଆଠାରେ ବୋଲେରୋ ଛିଡା ହୋଇଥିଲା। ଅପହୃତ କରିଥିବା ଯୁବକମାନେ ମଦ୍ୟପାନ କରି ଶୋଇଯାଇଥିଲେ। ଶିବସୁନ୍ଦରଙ୍କ ଚେତା ଫେରିବାରୁ ସେ ବୋଲେରୋରୁ ଖସି ପଳାଇ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଦେଖି ଜଳେଶ୍ୱର ଥାନାକୁ ଖବର ଦେବାରୁ ପୋଲିସ ତାଙ୍କୁ ଉଦ୍ଧାର କରି ତାଙ୍କ ଘରଲୋକ ଜିମାରେ ଛାଡିଥିବା ଆଇଆଇସି ରଞ୍ଜନ କୁମାର ସେଠୀ କହିଛନ୍ତି। ବୋଲେରୋ ସହିତ ଯୁବକମାନଙ୍କୁ ସେଠାକାର ପୋଲିସ୍‌କୁ ହସ୍ତାନ୍ତର କରାଯାଇଥିବା ସେ ସୂଚନା ଦେଇଛନ୍ତି।

### ବସ୍ତାର ଗୌରବ ପ୍ରୀତମ ପାଇଲେ ୧୧୫ ର୍‍ୟାଙ୍କ୍



ବସ୍ତା, ୨୧।୧୦(ହରିଶଙ୍କର ପାଢ଼ି)

ଚଳିତବର୍ଷ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ବସ୍ତା ଅଞ୍ଚଳର ପ୍ରୀତମ ମହାନ୍ତି ୧୧୫ ର୍‍ୟାଙ୍କ ପାଇ କୃତକାର୍ଯ୍ୟ ହୋଇଛନ୍ତି। ପ୍ରୀତମଙ୍କ ବାପା ଚିତ୍ତରଞ୍ଜନ ଖବରକାଗଜ ବିକ୍ରେତା ଭାବେ କାର୍ଯ୍ୟ କରନ୍ତି। ନିଜର ଅଭାବୀ ଜୀବନରେ ପୁଅ ପ୍ରୀତମଙ୍କୁ ବୁର୍ଲା, ବନାରସ ଆଇଆଇଟି ସହ ଦିଲ୍ଲୀରେ ଆଇଏଏସ୍ ପାଇଁ କୋଚିଂ ଦେଇଥିଲେ। ପୁଅର ସଫଳତାରେ ବାପା ଚିତ୍ତରଞ୍ଜନ ଓ ମା' ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି।

# ଭୀତି ବଢ଼ାଉଛି ବାତ୍ୟା

## ଆଜିଠୁ ସମୁଦ୍ର ମନା, ସରକାରୀ ଛୁଟି ବାତିଲ

### ଉଭୟ ରାଜ୍ୟରେ ସତର୍କତା

ଭୋଗରାଇ, ୨୧।୧୦(ପ୍ରଦୀପ ଦାସ)



ପୂର୍ବ ମଧ୍ୟ ବଙ୍ଗୋପସାଗରରେ ବଳ ଗୋଟାଉଛି ସାମୁଦ୍ରିକ ଝଡ଼ 'ଦାନା'। ଏହା କ୍ରମଶଃ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଧୀରେ ଧୀରେ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଆଡକୁ ଅଗ୍ରସର ହେଉଥିବା ଭାରତୀୟ ପାଣିପାଗ ବିଭାଗ ଘନ ଘନ ସୂଚନା ଦେଉଥିବାରୁ ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳବାସୀଙ୍କ ମଧ୍ୟରେ ଭୀତିସଞ୍ଚାର ହୋଇଛି। ବାତ୍ୟା ମୁକାବିଲା ପାଇଁ ବାଲେଶ୍ୱର ଉପକୂଳରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୋମବାର ଭୋଗରାଇ ବ୍ଲକରେ ହୋଇଥିବା ଜନଶୁଣାଣି ଅବସରରେ ଆସିଥିବା ବାତ୍ୟା ସମ୍ପର୍କିତ ସୂଚନା ଦେଇ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ତତ୍ପର ହେବା ସହିତ ଜିରୋ କାଜୁଏଲଟି ପ୍ରତି ଗୁରୁତ୍ୱ ଦେଇଥିବା ବେଳେ ସମସ୍ତ ସରକାରୀ ଛୁଟି ବାତିଲ କରିଥିବା ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଦୀଘା ଉପକୂଳରେ ହାଇଆଲର୍ଟ ସତର୍କ ସୂଚନା ଦିଆଯାଇଛି। ସୋମବାର ସନ୍ଧ୍ୟାରେ ଦୀଘା ସମେତ ବାଲେଶ୍ୱର ଉପକୂଳରେ ଓଡ୍ରାଫ ଓ ଏନଡିଆରଏଫ ଟିମ୍ ମୁତୟନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ ହେବାରୁ ସମୁଦ୍ର ଅଶାନ୍ତ ହୋଇଛି। ସମୁଦ୍ରର ଉଚ୍ଚ ଢେଉ କୂଳ ଆଡକୁ ମାଡିଆସି ତଟ ସୁରକ୍ଷା ବନ୍ଧରେ ମାଡ଼ କରୁଛି। ସମ୍ଭାବ୍ୟ ବାତ୍ୟା ଯୋଗୁ ମତ୍ସ୍ୟଜୀବୀମାନେ କୂଳରେ ଡ଼ଙ୍ଗାଗୁଡିକୁ ଉଚ୍ଚ ସ୍ଥାନକୁ ନେଇ ରଶିରେ ବାନ୍ଧି ରଖିଛନ୍ତି। ଗଭୀର ସମୁଦ୍ରକୁ ଯାଇଥିବା ଟ୍ରଲର ଓ ଯନ୍ତ୍ରଚାଳିତ ଡଙ୍ଗା କୂଳକୁ ଫେରୁଛି। ମଙ୍ଗଳବାରଠୁ ସମୁଦ୍ରକୁ ନ ଯିବାକୁ ଉଭୟ ରାଜ୍ୟର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି।

# ଜନସାଧାରଣଙ୍କ ସୁରକ୍ଷା ପାଇଁ ପୋଲିସ ପ୍ରତିବଦ୍ଧ




ପୋଲିସ ପକ୍ଷରୁ ପ୍ରଦର୍ଶିତ ପରେଡ୍ ଓ ଶହୀଦ ଦିବସରେ ଉପସ୍ଥିତ ଡିଆଇଜି ଓ ଏସ୍‌ପି।

### ୬୫ତମ ପୋଲିସ ଶହୀଦ ଦିବସ ପାଳିତ

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ ପରେଡ ପଡ଼ିଆରେ ସୋମବାର ୬୫ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଯୋଗଦେଇ ସେବା ଓ ତ୍ୟାଗ ପୋଲିସର ମହନୀୟତାକୁ ପ୍ରତିପାଦିତ କରିପାରିଛି। ୧୯୫୯ ମସିହା ଅକ୍ଟୋବର ୨୧ରେ ଚୀନ ସୈନ୍ୟଙ୍କ ଅତର୍କିତ ଆକ୍ରମଣରେ ଭାରତର ଏକକାଳୀନ ୧୧ଜଣ ସିଆରପିଏଫ୍ ସୈନ୍ୟ ମୃତ୍ୟୁବରଣ କରିଥିଲେ। ଏହାର ସ୍ମୃତିରକ୍ଷା ପାଇଁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ୧୯୬୦ମସିହାଠାରୁ ପ୍ରତିବର୍ଷ ଏହିଦିନକୁ ଶହୀଦ ଦିବସ ରୂପେ ପାଳନ କରାଯାଉଛି। ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ ସହ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ବିଭାଗ ଉପରେ ଗୁରୁଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆଇନକୁ ବଜାୟ ରଖିବା ଏବଂ ସମାଜର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୋଲିସ ପ୍ରତିବଦ୍ଧ ବୋଲି ସେ ବକ୍ତବ୍ୟରେ କହିଥିଲେ। ଏସ୍‌ପି ରାଜ ପ୍ରସାଦ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡିଆଇଜି ଡ. ନାୟକ, ଏସ୍‌ପି ରାଜ ପ୍ରସାଦଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଶହୀଦ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୋଲିସଙ୍କ ଦ୍ୱାରା ପ୍ରଦର୍ଶିତ ପରେଡ୍‌କୁ ରିଜର୍ଭ ଇନ୍ସପେକ୍ଟର ସଡ଼ାଇ ଶଙ୍କର ଟୁଡୁ ଓ ବିରେନ କୁମାର ବେହେରା ପରିଚାଳନା କରିଥିଲେ। ଭିଜିଲାନ୍ସ ଏସ୍‌ପି ରାହୁଲ ପିଆର୍, ଡିଏସ୍‌ପି ଦେବଜ୍ୟୋତି ଦାସ, ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ ବେହେରା, ଶିଳ୍ପାଞ୍ଚଳ ଥାନା ଆଇଆଇସି ଶ୍ୟାମଘନ ବେହେରା, ସଦର ଥାନା ଆଇଆଇସି ଦୟାନିଧି ଦାସଙ୍କ ସମେତ ବହୁ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ସୁଧୀର ସଭାପତି, ପ୍ରଦୀପ ସମ୍ପାଦକ

### ଜଳେଶ୍ୱର ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଚୟନ

ଜଳେଶ୍ୱର, ୨୧।୧୦(ତପନ ନାୟକ)

ଜଳେଶ୍ୱର ଘରୋଇ ମାଲିକ ସଂଘର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଶନ ବଜାରସ୍ଥିତ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ ସୁବୋଧ କୁମାର ଭୂୟାଁ ସଭାପତିତ୍ୱ କରି ଦୁଇବର୍ଷ ପାଇଁ କାର୍ଯ୍ୟକର୍ତ୍ତା ଚୟନ ହେବା ସମ୍ପର୍କରେ ସୂଚନା ଓ ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜଳେଶ୍ୱର-ବାଲେଶ୍ୱର, ଜଳେଶ୍ୱର-ବାରିପଦା, ଜଳେଶ୍ୱର-ରାଉରକେଲା, ଦୀଘା-ଜଳେଶ୍ୱର-ବାଲେଶ୍ୱର, ଜଳେଶ୍ୱର-ରାଇବଣିଆ ଆଦି ରୁଟରେ ବସ୍ ଚଳାଚଳ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ସର୍ବସମ୍ମତିକ୍ରମେ ସଭାପତି ସୁଧୀର ମହାନ୍ତି, ଉପସଭାପତି କ୍ରାନ୍ତିରଞ୍ଜନ ସାହୁ, ସମ୍ପାଦକ ପ୍ରଦୀପ ପ୍ରଧାନ, ସହସମ୍ପାଦକ ପ୍ରବୋଧ ଭୂୟାଁ, କୋଷାଧ୍ୟକ୍ଷ ସରୋଜ ଭୂୟାଁ ପ୍ରମୁଖ ମନୋନୀତ ହୋଇଥିବା ଘୋଷଣା କରାଯାଇଛି। ସେହିପରି ବସ୍‌ଷ୍ଟାଣ୍ଡର ସମ୍ପାଦକ ଭାବେ ପ୍ରଦୀପ ପାତ୍ର, ବିଶ୍ୱଜିତ୍ ପ୍ରଧାନ, ମାନସ ମିଶ୍ର ପ୍ରମୁଖ ମନୋନୀତ ହୋଇଥିବା ସଭାପତି ସୁଧୀର ମହାନ୍ତି କହିଛନ୍ତି। ୧୭ ଜଣ ସଦସ୍ୟଙ୍କ ମଧ୍ୟରୁ ୧୬ଜଣ ଉପସ୍ଥିତ ଥିଲେ। ଆସନ୍ତା ଦୁଇବର୍ଷ ଲାଗି ଏହା କାର୍ଯ୍ୟକାରୀ ହେବ ବୋଲି ସୂଚନା ଦିଆଯାଇଛି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

### ଆଭାସୀ ମାଧ୍ୟମରେ ଜିଲାପାଳଙ୍କ ସମୀକ୍ଷା ବୈଠକ

ବାଲେଶ୍ୱର, ୨୧।୧୦(ବାଞ୍ଛାନିଧି ଦେ)

ସମ୍ଭାବ୍ୟ ବାତ୍ୟା ଏବଂ ବର୍ଷାକୁ ଦୃଷ୍ଟିରେ ରଖି ସୋମବାର ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଙ୍ଗୋପସାଗରରେ ପ୍ରି-ସାଇକ୍ଲୋନ୍ ବଳୟ ସୃଷ୍ଟି ହୋଇଥିବା ବେଳେ ଆସନ୍ତା ୨୩, ୨୪ ଓ ୨୫ ତାରିଖ ପାଇଁ ବାଲେଶ୍ୱର ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ରେଡ୍‌ୱାର୍ଣ୍ଣିଂ ଜାରି କରାଯାଇଛି। ଜିଲାରେ ସମସ୍ତ ପ୍ରକାର ଆପଦକାଳୀନ ପ୍ରସ୍ତୁତି ବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ପାଇଁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱର ସଦର ବ୍ଲକ ସମେତ ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ସୋର ଭଳି ସମ୍ବେଦନଶୀଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରାକ୍ ବ୍ୟବସ୍ଥା ହୋଇଛି। ସମ୍ଭାବ୍ୟ ବର୍ଷାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଗର୍ଭବତୀ ଓ ପ୍ରଭାବିତ ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ପର୍ଯ୍ୟାପ୍ତ ଜଳଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ ହେବ। ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା ହେବ। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ନିରାପଦ ପାନୀୟଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଜରୁରୀକାଳୀନ ପରିସ୍ଥିତିରେ ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ ଏବଂ କଲେଜ ବନ୍ଦ ରଖାଯିବା ନେଇ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଥିଲା। ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ। ସମସ୍ତ ବିଡିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ସମସ୍ତ ଅଞ୍ଚଳରେ ଡେପୁଟି ଓ ସହକାରୀ କଲେକ୍ଟରଙ୍କୁ ନିୟୋଜିତ କରିବା ପାଇଁ ମଧ୍ୟ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ତୁରନ୍ତ ରିଲିଫ୍ ଯୋଗାଣ, ବିଶୁଦ୍ଧ ଜଳ ଓ ଖାଦ୍ୟଯୋଗାଣ, ଆବଶ୍ୟକସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳୀ ସ୍ଥାପନ ଏବଂ ଚିକିତ୍ସା ସହାୟତାକୁ ସୁଗମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଆବଶ୍ୟକସ୍ଥଳେ କ୍ଷତିଗ୍ରସ୍ତଙ୍କ ଥଇଥାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ସରକାରୀ ଅଧିକାରୀ ଏବଂ କର୍ମଚାରୀ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ଜିଲାପାଳ ଆଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳର ପରିଷଦର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# 'ରାଜଭାଷା ହିନ୍ଦୀକୁ ସମସ୍ତେ ଆପଣେଇବା ଉଚିତ'




ଭୁବନେଶ୍ୱର,୨୧।୧୦: (ଅଭୟ ଦାଶ)

ୟୁକୋ ବ୍ୟାଙ୍କର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ପକ୍ଷ-୨୦୨୪ ସମାରୋହ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସୁଦିପ ଡାକୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତ ସରକାରଙ୍କ ରାଜଭାଷା ନୀତି ଅନୁଯାୟୀ ହିନ୍ଦୀ କାର୍ଯ୍ୟାନ୍ୱୟନ ପ୍ରେରଣା,ପ୍ରୋତ୍ସାହନ ଓ ପୁରସ୍କାର ମାଧ୍ୟମରେ କରାଯିବା ଉଚିତ୍ ବୋଲି କହିଥିଲେ। ପ୍ରତ୍ୟେକ ଭାରତୀୟ ଭାଷାକୁ ସମ୍ମାନ କରିବା ସହ ରାଜଭାଷା ହିନ୍ଦୀକୁ ସମସ୍ତେ ଆପଣେଇବା ଉଚିତ୍ ବୋଲି ସେ କହିଥିଲେ। ଏହି ଭାଷା ପ୍ରତ୍ୟେକ ଭାରତୀୟଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବ ବୋଲି ଡାକୁଆ କହିଥିଲେ।

ହିନ୍ଦୀ ହେଉଛି ଏପରି ଗୋଟିଏ ଭାଷା ଯାହା କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ସହଜରେ ବୁଝା ପଡିଥାଏ। ହିନ୍ଦୀ ଏବଂ ଆଞ୍ଚଳିକ ଭାଷାଗୁଡିକ ମାଧ୍ୟମରେ ପରସ୍ପର ସହ ଭାବାନୁପ୍ରଦାନ ମଧ୍ୟ ସହଜ ଓ ସରଳ ହୋଇଥାଏ। ଆଞ୍ଚଳିକ ଭାଷାଗୁଡିକ ଦ୍ୱାରା ହିନ୍ଦୀର ପ୍ରଚାର ପ୍ରସାର କରାଯିବା ସହ ସରକାରୀ ସ୍କୁଲଗୁଡିକରେ ଓଡିଆ ମାଧ୍ୟମରେ ପଢୁଥିବା ବିଦ୍ୟାର୍ଥୀମାନଙ୍କୁ ହିନ୍ଦୀର ଜ୍ଞାନ ପ୍ରଦାନ କରାଯାଇ ସେମାନଙ୍କ ମଧ୍ୟରେ ରଚନା, ତର୍କ ଓ ସମୂହ ଚର୍ଚ୍ଚା ଆଦି ପ୍ରତିଯୋଗିତା ହିନ୍ଦୀ ଭାଷାରେ କରାଯିବା ଉଚିତ୍, ଯାହା ଫଳରେ ସେମାନେ ହିନ୍ଦୀ ଭାଷାରେ ଅଧିକ ଜ୍ଞାନ ଅର୍ଜନ କରିପାରିବେ ବୋଲି ଡାକୁଆ କହିଥିଲେ। ନିଜର ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରୟୋଗ ଅଧିକରୁ ଅଧିକ କରାଯିବା ଉଚିତ୍ ବୋଲି ସେ କହିଥିଲେ।

ପରିଶେଷରେ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଡ. ସୁନୀଲ କୁମାର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୯୮୫ ଇ-ଶ୍ରମକାର୍ଡଧାରୀଙ୍କୁ ମିଳିଲା ଖାଉଟି ସାମଗ୍ରୀ

ଖଇରା, ୨୧।୧୦(ଉତ୍କଳବନ୍ଧୁ ପଣ୍ଡା)



ଜଣେ ଇ-ଶ୍ରମକାର୍ଡଧାରୀଙ୍କୁ ବିଧାୟକ ଚାଉଳ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକରେ ସୋମବାର ଇ-ଶ୍ରମକାର୍ଡଧାରୀଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ୧୩ ପଞ୍ଚାୟତର ୯୮୫ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଉଦ୍‌ଘାଟନୀ ସମାରୋହରେ ୬୫ଜଣଙ୍କୁ ୫ କେଜି ଲେଖାଏ ଚାଉଳ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରଦାନ କରିଥିଲେ। ବ୍ଲକ ବିପ୍ପଣୀ ନିରୀକ୍ଷିକା ଶୁଭାସିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଡିଲରମାନେ ଗରିବ ଖାଉଟିମାନଙ୍କ ପ୍ରତି ଅନ୍ୟାୟ ନ କରିବାକୁ ଉପସ୍ଥିତ ଡିଲରମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ଡିଲର ନାମରେ ଖାଉଟି ସାମଗ୍ରୀ ହଡ଼ପ ଅଭିଯୋଗ ଆସିବ ସେମାନଙ୍କୁ ପରିବର୍ତ୍ତନ କରାଯିବ ବୋଲି ଚେତାବନୀ ଦେଇଥିଲେ। ସେହିଭଳି ଶଯ୍ୟାଶାୟୀ ଥିବା ଖାଉଟିମାନଙ୍କୁ ଘରେ ପ୍ରଦାନର କରିବା ବ୍ୟବସ୍ଥାକୁ ସମିତିସଭ୍ୟ ଅକ୍ଷୟ ଜେନା ଦାବି କରିଥିଲେ। ମୋଟ ୩ହଜାର ୮୭୦ଜଣ ଇ-ଶ୍ରମକାର୍ଡଧାରୀ ଖାଉଟି ସାମଗ୍ରୀ ପାଇଁ ନାମ ପଠାଯାଇଥିବା ବେଳେ ମାତ୍ର ୨୪ ପଞ୍ଚାୟତ ବାଦ୍ ପଡିବା ନେଇ ବହୁ ଲୋକପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଡରେ ଭୁଲ ତ୍ରୁଟିକୁ ନେଇ ଅଚ୍ୟୁତିପୁର, ସୁଣ୍ଡିରା ପଞ୍ଚାୟତର

### ଖଇରା ବ୍ଲକ

■ ୨୪ ପଞ୍ଚାୟତ ବାଦ୍ ପଡିବା ନେଇ ତୀବ୍ର ଅସନ୍ତୋଷ

ଲୋକପ୍ରତିନିଧିମାନେ ଅଭିଯୋଗ କରିଥିଲେ। ପିଡିଏସ୍‌ରେ ଚାଉଳ ଖାଦ୍ୟଯୋଗାଣ ନିଗମରୁ ସିଧାସଳଖ ଡିଲର ପଏଣ୍ଟକୁ ଯିବାର ନିୟମ ଥିବା ବେଳେ ରାସ୍ତାରେ ଏକ ମିଲରେ ଚାଉଳ ଏପଟସେପଟ କରାଯିବାକୁ ନେଇ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଅଭିଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ବିଡିଓ ଅନନ୍ତ କୁମାର ହାଁସଦା ପ୍ରମୁଖ ଖାଉଟି ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଲେ ନୂଆ ଡାକ୍ତର

### 'ଧରିତ୍ରୀ' ପ୍ରଭାବ

ଜଳେଶ୍ୱର, ୨୧।୧୦(ନବୀନ ସାହୁ)

'ଧରିତ୍ରୀ'ରେ ଖବର ପ୍ରସାରଣ ପରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇଛନ୍ତି ଡା. ଭୀଷ୍ମ ପରିଡା। ସେ ଭେଷଜ ବିଶେଷଜ୍ଞ ସହିତ ସ୍ତ୍ରୀରୋଗ ବିଶେଷଜ୍ଞ ମଧ୍ୟ। ସେ ପୂର୍ବରୁ ଭଦ୍ରକ ବ୍ଲକ୍ ଚମ୍ପୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ ଥିବା ଇନଚାର୍ଜ ଡା. ପ୍ରଭାସ କୁମାର ନାୟକଙ୍କ ଡିସେମ୍ବରରେ ବଦଳି ହୋଇଥିଲା। ପରେ ଏହି ପଦବୀ ଦୀର୍ଘଦିନ ଧରି ଖାଲି ରହିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବା ପାଇଁ ମିଳିଥିଲା। ଏନେଇ 'ଧରିତ୍ରୀ' ଦୈନିକ ଖବର କାଗଜରେ ଗତ ଶନିବାର ଖବର ପ୍ରସାରଣ ପରେ ଭେଷଜ ବିଶେଷଜ୍ଞ ଡାକ୍ତର ସୋମବାର ଯୋଗ ଦେଇଛନ୍ତି। ଡାକ୍ତର ଯୋଗ ଦେବା ପରେ ତାଙ୍କୁ



ଡାକ୍ତରଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ।

ଜଳେଶ୍ୱର ବ୍ଲକ ବିଜେଡି ସଭାପତି ଦିଲୀପ ସାମଲ, ବିଜେଡି ନେତା ଗଙ୍ଗାଧର ଦାସଙ୍କ ସହିତ ହସ୍ପିଟାଲରେ କାର୍ଯ୍ୟରତ ସ୍ତ୍ରୀରୋଗ ବିଶେଷଜ୍ଞ ଅଜୟ କୁମାର ସାହୁ ଓ ହସ୍ପିଟାଲ କର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଞ୍ଚଳବାସୀ ରାଇବଣିଆ ମାଟିର ସୁଯୋଗ୍ୟ ସନ୍ତାନ ଏବଂ ଜଳେଶ୍ୱର ବିଧାୟକଙ୍କୁ ମଧ୍ୟ ରାଇବଣିଆବାସୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋର: ୬୪ ଅଙ୍ଗନୱାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

ସୋର, ୨୧।୧୦(ଜନ୍ମେଜୟ ମିଶ୍ର)



ଅଙ୍ଗନୱାଡି କେନ୍ଦ୍ରରେ ୬ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଲାଗି ପାଠପଢ଼ା ବ୍ୟବସ୍ଥା ରହିଛି। ଉତ୍ତମ ଖାଦ୍ୟ ସହ ରନ୍ଧାଖାଦ୍ୟ କେନ୍ଦ୍ରଗୁଡିକରେ ଦିଆଯାଇଥାଏ। ତେବେ ଅନେକ ଅଭିଭାବକ ସେମାନଙ୍କ ଶିଶୁର ନାମ କେନ୍ଦ୍ରରେ ଥିଲେ ମଧ୍ୟ ଛାତ୍ରୁ ନ ଥିବା ଦେଖିବାକୁ ମିଳୁଛି । ଫଳରେ କାଁ ଭାଁ ପିଲାଙ୍କୁ ନେଇ ଅଙ୍ଗନୱାଡି କର୍ମୀମାନେ କେନ୍ଦ୍ର ଚଳାଉଥିବା ଜଣାପଡିଛି।

ସୋର ବ୍ଲକ ଓ ମ୍ୟୁନିସିପାଲିଟିରେ ମୋଟ ୩୨୯ଟି କେନ୍ଦ୍ର ରହିଛି। ଗ୍ରାମାଞ୍ଚଳରେ କେନ୍ଦ୍ର ସଂଖ୍ୟା ୩୦୦ ଥିବା ବେଳେ ସୋର ମ୍ୟୁନିସିପାଲିଟିର କେନ୍ଦ୍ର ସଂଖ୍ୟା ୨୯ଟି ରହିଛି। ତେବେ ଗ୍ରାମାଞ୍ଚଳର ୫୮ଟି କେନ୍ଦ୍ରରେ ନିଜସ୍ୱ ଗୃହ ନ ଥିବା ବେଳେ ମ୍ୟୁନିସିପାଲିଟିର ୭ଟି କେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ। ଅନ୍ୟପକ୍ଷରେ ୮୬ଟି କେନ୍ଦ୍ରରେ ଗୃହ କାମ ଚାଲୁଥିବା ଜଣାପଡିଛି। ସ୍ଥାନ ନିରୂପଣ କରାଯାଇ ପାରି ନ ଥିବାରୁ ଗୃହ ନିର୍ମାଣ ହୋଇପାରି ନ ଥିବା କୁହାଯାଉଛି। ବିଶେଷକରି ନିଜସ୍ୱ ଗୃହ ନ ଥିବା କେନ୍ଦ୍ରଗୁଡିକ ବିଦ୍ୟାଳୟ ଓ କମ୍ୟୁନିଟି ସେଣ୍ଟରରେ ଚାଲୁଥିବା ନେଇ ଶିଶୁ ବିକାଶ କଲ୍ୟାଣ ଅଧିକାରିଣୀ ହିରାମଣି ନାୟକ କହିଛନ୍ତି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲୁଥିବା ବେଳେ ସେଭଳି ସଫଳ ମିଳିପାରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ସୋର ବ୍ଲକ ଓ ମ୍ୟୁନିସିପାଲିଟି ୩୨୯ କେନ୍ଦ୍ରରେ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ପିଲା ସଂଖ୍ୟା ୬ ମାସ ପର୍ଯ୍ୟନ୍ତ ଶିଶୁ ସଂଖ୍ୟା ୮୭୭ ଥିବାବେଳେ ୩ବର୍ଷ ପର୍ଯ୍ୟନ୍ତ ଶିଶୁ ୫୬୫୫, ୬ବର୍ଷ ପର୍ଯ୍ୟନ୍ତ ଶିଶୁ ସଂଖ୍ୟା ୧୫୨୧ ଥିବା ଜଣାପଡିଛି। ଅଙ୍ଗନୱାଡି କେନ୍ଦ୍ର ପାଇଁ ମୋଟ ୧୨ଜଣ ସୁପରଭାଇଜରଙ୍କ ମଧ୍ୟରୁ ୧୧ଜଣ ଅଛନ୍ତି ଓ ଗୋଟିଏ ଖାଲି ରହିଛି। ୩୨୯ ଜଣ ଅଙ୍ଗନୱାଡି କେନ୍ଦ୍ରରେ ୩୨୭ଜଣ ଅଛନ୍ତି ଓ ଦୁଇଟି ଖାଲିପଡିଛି। ଅଙ୍ଗନୱାଡି ସହାୟକ ପାଇଁ ୨୬୩ ଥିବା ବେଳେ ୬୭ଟି ଖାଲି ଥିବା ଜଣାପଡିଛି।

## ସଂକ୍ଷେପରେ

### ଘର ମାଲିକଙ୍କ ବେକରେ ଭୁଜାଲି ଲଗାଇ ଭଡ଼ାଟିଆଙ୍କ ଡକାୟତି

ଚାନ୍ଦବାଲି,୨୧।୧୦ (କିଷାନ ପାତ୍ର)

ଧାମରା ରେଳ ଲାଇନରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା କହି ୩ ଯୁବକ ଘର ଭଡ଼ା ନେଇ ରହିଲେ। ମାତ୍ର ୨ ଦିନ ପରେ ସୁଯୋଗ ଦେଖି ଘର ମାଲିକ ଓ ତାଙ୍କ ସ୍ତ୍ରୀଙ୍କ ବେକରେ ଭୁଜାଲି ଲଗାଇ ଡକାୟତି କରିଛନ୍ତି ଭଡ଼ାଟିଆ। ଘର ମାଲିକଙ୍କ ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଚାନ୍ଦବାଲି ଥାନା ଅଧୀନ ଦିଗଛିଆ ପେଟ୍ରୋଲ ପମ୍ପ ନିକଟରେ ଘର କରି ରହୁଥିବା ଜୟଦେବ ରାଉତ ଓ ତାଙ୍କ ସ୍ତ୍ରୀ ଏହି ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇଦିନ ତଳେ ଏହି ଘଟଣା ଘଟିଥିବା ବେଳେ ଏନେଇ ସେମାନେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି। ଏତଲାରେ ଦର୍ଶାଯାଇଛି ଯେ, ୩ ଯୁବକ କବାଟ ବାଡ଼େଇ ଘର ମାଲିକଙ୍କୁ ଡାକିଥିଲେ। କବାଟ ଖୋଲିଲା ପରେ ଜୟଦେବ ଓ ତାଙ୍କ ସ୍ତ୍ରୀ ସଜନୀ ଉଭୟଙ୍କ ବେକରେ ସେମାନେ ଭୁଜାଲି ଲଗାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ଏଥିସହ ତାଙ୍କ ଫୋନ୍‌ପେ ପାସ୍‌ୱାର୍ଡ ନେଇ ଟଙ୍କା ଟ୍ରାନ୍ସଫର କରି ନେଇଥିଲେ। ଏପରିକି ବାହାରୁ ତାଲା ପକାଇ ତାଙ୍କ ମୋବାଇଲ ନେଇ ସେମାନେ ଫେରାର ହୋଇଯାଇଥିଲେ। ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳିନାହିଁ।

### ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

ବାସୁଦେବପୁର,୨୧।୧୦(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଶ୍ରୀବତ୍ସପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ନାୟକ(୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ମୃତା ଶିକ୍ଷୟିତ୍ରୀ ହେଉଛନ୍ତି ଲକ୍ଷ୍ମୀଦାସପୁର ପଞ୍ଚାୟତ ଖେଡୁଆଳପୁର ଗ୍ରାମର ନିଶିକାନ୍ତ ସେନାପତିଙ୍କ ସ୍ତ୍ରୀ। ପ୍ରାୟ ଗତ ସପ୍ତାହେ ହେଲା ସେ ସଂକ୍ରମଣଜନିତ ଜ୍ୱରରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।

### ମୁସ୍‌ଲିମ୍ ଜମାତ ପକ୍ଷରୁ ଶ୍ୱେତାଶ୍ରୀ, ସୌମ୍ୟରଞ୍ଜନଙ୍କୁ ଶୁଭେଚ୍ଛା

ଭଦ୍ରକ,୨୧।୧୦(ସନାତନ ରାଉତ)

ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ଟପ୍ପର ହୋଇଥିବା ଭଦ୍ରକ ଅପର୍ତିବିନ୍ଧା ନିଉକଲୋନୀର ଶ୍ୱେତାଶ୍ରୀ ମହାପାତ୍ର ଓ ୧୨୩ ର୍ୟାଙ୍କରେ କୃତକାର୍ଯ୍ୟ ହୋଇଥିବା କଦମବେଡ଼ା ନିବାସୀ ପୂର୍ବତନ ପାରିଷଦ ହୃଦାନନ୍ଦ ବେହେରା ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ବେହେରାଙ୍କ ପୁଅ ସୌମ୍ୟରଞ୍ଜନ ବେହେରାଙ୍କୁ ଭଦ୍ରକ ମୁସ୍‌ଲିମ୍ ଜମାତ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି। ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ, ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜି ଶେଖ୍ ଇନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ଶେଖ୍ ସିରାଜୁଦ୍ଦିନ, ଶେଖ୍ ଅନୱର, ହାଜି ଅନୱର ହୋସେନ, ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାନ, ଜମିଲ ଅଖତର ଖାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିବେ ଅଧିକାରୀ

ଭଦ୍ରକ,୨୧।୧୦(ସନାତନ ରାଉତ)

**ବାତ୍ୟା ପାଇଁ ପ୍ରଶାସନିକ ପ୍ରସ୍ତୁତି**
- ନିର୍ଦ୍ଦେଶ ଦେଲେ ଜିଲାପାଳ
- ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବେ ତଳିଆ, ନଦୀ ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଲୋକେ

ସମ୍ଭାବ୍ୟ ବାତ୍ୟା ପାଇଁ ଭଦ୍ରକ ଜିଲାର ସମସ୍ତ ବିଡିଓ ଏବଂ ତହସିଲଦାର ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ବ୍ୟବସ୍ଥା ବୁଝିବାକୁ ଜିଲାପାଳ ଦିଲୀପ ରାଉତରାଏ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୧୦୫ଟି ବାତ୍ୟା ଆଶ୍ରୟ ସ୍ଥଳରେ ପାନୀୟ ଜଳ, ଶୌଚାଳୟ, ଜେନେରେଟର, ଟାୱାର ଲାଇଟ୍, ମେକାନିକାଲ କଟର୍ ସହ ଅନ୍ୟାନ୍ୟ ଯନ୍ତ୍ରପାତି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବାଦ୍ ସ୍କୁଲ ଘର ଏବଂ ବଡ଼ କୋଠାଘର ଚିହ୍ନଟ କରି ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରିବାକୁ ଜିଲାପାଳ କହିଛନ୍ତି।

ଆଶା, ଅଙ୍ଗନୱାଡି କର୍ମୀ ଓ ମହିଳା କନ୍‌ଷ୍ଟେବଲ ଏହି ଅସ୍ଥାୟୀ କେନ୍ଦ୍ର ଦାୟିତ୍ୱରେ ରହିବେ। ଯେଉଁ ଗର୍ଭବତୀମାନଙ୍କର ୭ଦିନ ମଧ୍ୟରେ ସମ୍ଭାବ୍ୟ ପ୍ରସବ ତାରିଖ ଅଛି, ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଡ୍‌ମିଶନ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ଓ ଷ୍ଟାଫ୍ ରହିବା ପାଇଁ କୁହାଯାଇଛି। ତଳିଆ ଅଞ୍ଚଳ, ନଦୀ ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଲାଗି ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ପ୍ରତି ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓସୱାନ୍ ହଲ୍‌ରେ ଏ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହେବ। ସମସ୍ତ ସମସ୍ୟା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ସମସ୍ତ ବିଡିଓ ଏବଂ ତହସିଲଦାର ନିଜ ଅଞ୍ଚଳର ସମସ୍ୟା ବିଷୟରେ ଅବଗତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଚାନ୍ଦବାଲିବାସୀଙ୍କୁ ବାତ୍ୟା ଭୟ



ବଡ଼ବଜାର ନିକଟସ୍ଥ ବୈତରଣୀ ନଦୀପଠାରେ ସୃଷ୍ଟି ହୋଇଥିବା ଜଙ୍ଗଲ।

ଚାନ୍ଦବାଲି,୨୧।୧୦(ଅଶୋକ କୁମାର ପଣ୍ଡା)

ସମ୍ଭାବ୍ୟ ବାତ୍ୟା 'ଦାନା'ର ଗତିପଥ ଜଣାପଡ଼ିବା ପରେ ଭଦ୍ରକ ଜିଲା ଚାନ୍ଦବାଲିବାସୀଙ୍କ ମନରେ ଛନକା ପଶିଛି। ଅନେକ ବାତ୍ୟାକୁ ଚାନ୍ଦବାଲିବାସୀ ସାମ୍ନା କରିଛନ୍ତି। ବାତ୍ୟା ପ୍ରଭାବରେ ସ୍ଥାନୀୟ ଲୋକେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କ ଆର୍ଥିକ ସ୍ଥିତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଥିଲା। ଚଳିତବର୍ଷ ପୁଣି ଆଉ ଏକ ବାତ୍ୟାକୁ ସାମ୍ନା କରିବାକୁ ଯାଉଥିବାରୁ ସେମାନଙ୍କୁ ବାତ୍ୟା ଭୟ ଘାରିଛି।

ଚାନ୍ଦବାଲି ସହର ଚାରିପଟେ ବ୍ୟାପକ ଚାରାରୋପଣ ଆବଶ୍ୟକ, ଯାହା ଅଞ୍ଚଳକୁ ଏକ ସୁରକ୍ଷା ବଳୟ ପ୍ରଦାନ କରିବ। ବାତ୍ୟା ଆସିଲେ ମନେପଡ଼େ ଚାନ୍ଦବାଲି ବନ୍ଦର କଥା। ବଙ୍ଗୋପସାଗର ଉପକୂଳସ୍ଥ ଚାନ୍ଦବାଲିକୁ ୩ ନମ୍ବର ବିପଦ ସଙ୍କେତ ସୂଚନା ଏକ ସାଧାରଣ କଥା। ବାତ୍ୟା ଫାଇଲିନ୍ ସମୟରେ ଚାନ୍ଦବାଲିକୁ ସର୍ବୋଚ୍ଚ ବିପଦ ସଙ୍କେତ ଦିଆଯାଇଥିଲା। ରାଜ୍ୟ ପାଣିପାଗ କାର୍ଯ୍ୟାଳୟର ୮ନଂ. ଗ୍ରୀଡ୍‌ରେ ଅବସ୍ଥିତ ଚାନ୍ଦବାଲି କାର୍ଯ୍ୟାଳୟର ଗୁରୁତ୍ୱ ଅନେକ। ଭଦ୍ରକ, ଜଗତସିଂପୁର, ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲାର ପାଣିପାଗ ସହ ସମ୍ପୃକ୍ତ। କୋଲକାତା ଓ ଦିଲ୍ଲୀର ପାଣିପାଗ କାର୍ଯ୍ୟାଳୟ ପୂର୍ବାନୁମାନ ପାଇଁ ଚାନ୍ଦବାଲି ଅଫିସ୍ ତଥ୍ୟ ଉପରେ ନିର୍ଭରଶୀଳ। ଏହାର ତଥ୍ୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଜନିତ ଝଡ଼ ବତାସର ପୂର୍ବାନୁମାନ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। ଜାପାନ ସରକାର ସହାୟତାରେ ଜାଇକା ପ୍ରକଳ୍ପରେ ଧାମରା ଉପକୂଳରେ ସୃଷ୍ଟି କରାଯାଇଥିବା ଲୁଣା ଜଙ୍ଗଲ ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସ ହେବାକୁ ବସିଛି। ବଡ଼ବଜାରରୁ ବିଜୁ ସେତୁ ପର୍ଯ୍ୟନ୍ତ ଖୋଲାସ୍ଥାନ କୋଷ୍ଟାଲ ରେଗୁଲେଟରୀ ଜୋନ୍ (ସିଆର୍‌ଜେଡ୍) ଓ ଉଚ୍ଚ ଜୁଆର ପ୍ଲାବନ ଅଞ୍ଚଳରେ ରହିଛି। ଭିତରକନିକା ଅଭୟାରଣ୍ୟରୁ କେତେକ ଲୁଣା ଜାତୀୟ ଗଛର ମଞ୍ଜି ଜୁଆରରେ ଭାସି ଆସି କିଛି ଗଛ ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ଏଠାରେ ନଦୀପଠାରେ ଏକ ଜଙ୍ଗଲ ସୃଷ୍ଟି ହୋଇଛି। ଯାହାର ସୁରକ୍ଷା ଆବଶ୍ୟକ ବୋଲି ମୃତ୍ତିକା ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ରେଞ୍ଜ୍ ଅଫିସର ତାରାପଦ ମହାନ୍ତି କହିଛନ୍ତି।

ଆଇନଜୀବୀ ନରେନ୍ଦ୍ର ବିଶ୍ୱାଳ କହନ୍ତି, ସମୁଦ୍ର ଉପକୂଳବର୍ତ୍ତୀ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ଥିଲେ ମଧ୍ୟ ସେଠାରେ ଆବଶ୍ୟକ ଉପକରଣ ଓ ବ୍ୟବସ୍ଥା ନାହିଁ। ବାତ୍ୟା ପରେ ପ୍ରଶାସନ ରିଲିଫ୍ ପ୍ରଦାନ, କ୍ଷୟକ୍ଷତିର ଆକଳନ ଓ ଫସଲ ହାନି ପାଇଁ ସାମୟିକ ଆର୍ଥିକ ସହାୟତାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛି। ଝଡ଼ ଦାଉରୁ ଚାନ୍ଦବାଲି ଅଞ୍ଚଳକୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବା ଆବଶ୍ୟକ। ଏନେଇ ବରିଷ୍ଠ କଂଗ୍ରେସ ନେତା ଚଡ଼ଦିଆର କିଶୁରାମ ଜେନା କହିଛନ୍ତି, ବର୍ଷାଦିନ ପୂର୍ବରୁ ସତର୍କ ହେଉନାହାନ୍ତି। ବାତ୍ୟା ଆସିଲେ ପ୍ରଶାସନର ନିଦ ଭାଙ୍ଗୁଛି। ନୋଡାଲ ଅଫିସରମାନେ ପୂର୍ବରୁ କୌଣସି ବାତ୍ୟା ଆଶ୍ରୟସ୍ଥଳକୁ ପରିଦର୍ଶନ କରି ତଦାରଖ କରୁନାହାନ୍ତି। ଚଡ଼ଦିଆ, ଶୈଳେନ୍ଦ୍ରପଲ୍ଲୀ ଓ ହରିଶପୁର ୩ଟି ବାତ୍ୟା ଆଶ୍ରୟସ୍ଥଳୀରେ ଜେନେରେଟର ଖରାପ ରହିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ଠିକ୍ ନାହିଁ।

### ଶିଳ୍ପୋଦ୍ୟୋଗୀଙ୍କ ପରଲୋକ

ଭଦ୍ରକ,୨୧।୧୦ (ରବିନାରାୟଣ ଖିଲାର)

ଭଦ୍ରକ ସହରର ଜଗନ୍ନାଥପୁର ନିବାସୀ ଶିଳ୍ପୋଦ୍ୟୋଗୀ ସିତାଂଶୁ ଶେଖର ମହାନ୍ତି(୫୭)ଙ୍କ ହୃଦ୍‌ଘାତରେ ସୋମବାର



ପରଲୋକ ହୋଇଯାଇଛି। ତାଙ୍କ ବାପା ରାମହରି ମହାନ୍ତି ଭଦ୍ରକର ଜଣେ ପ୍ରତିଷ୍ଠିତ ସଙ୍ଗୀତଜ୍ଞ ଥିଲେ। ସିତାଂଶୁଙ୍କର ଯାଆଁଳା ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଅଧ୍ୟାପକ ଅନିଲ ମହାପାତ୍ର, ଦେବେନ୍ଦ୍ର ଦାସ, ଆଇନଜୀବୀ ପ୍ରଫୁଲ୍ଲ ରଥ, ସଚିବାଳୟର ଯୁଗ୍ମ ନିର୍ଦ୍ଦେଶକ ମନୋରଞ୍ଜନ ନାୟକ, ଶିଳ୍ପୋଦ୍ୟୋଗୀ କୁନି ମହାନ୍ତି, ତପନ ନାୟକ, ହେମେନ୍ଦ୍ର ଶର୍ମା, ଶାନ୍ତନୁ ଗୁହ, ପଦ୍ମନାଭ ଜେନା, ଆଇନଜୀବୀ ତାହେର ମହମ୍ମଦ, ଅନିଲ ନାୟକ, ଆଲୋକ ମହାନ୍ତି, ଅଭିଜିତ ମହାନ୍ତି, ସତ୍ୟବ୍ରତ ମହାନ୍ତି, ଅକ୍ଷୟ ଦାସ, ଅମରେନ୍ଦ୍ର ବିଶ୍ୱାଳ, ମୁକ୍ତିକାନ୍ତ ନାୟକ, କାଉନସିଲର ପଙ୍କଜ ବଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ସମସ୍ୟା ବୁଝିଲେ, ମଧ୍ୟାହ୍ନଭୋଜନ ଖାଇ ମାନ ପରଖିଲେ



ଜିଲାପାଳ ଦିଲୀପ ରାଉତରାଏ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଉଛନ୍ତି।

ଧାମନଗର,୨୧।୧୦(ଦେବେନ୍ଦ୍ର ଆନ୍ଦିଆ)

**ଜିଲାପାଳଙ୍କ ଅଚାନକ ସ୍କୁଲ ପରିଦର୍ଶନ**

ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ସୋମବାର ଅଚାନକ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ତାଳପଦା ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ବୁଝିବା ସହ ମଧ୍ୟାହ୍ନଭୋଜନର ମାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ପରେ ଜିଲାପାଳ ପିଲାମାନଙ୍କ ସହ ମଧ୍ୟାହ୍ନଭୋଜନ ଖାଇ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଖାଦ୍ୟ ଖାଇ ପ୍ରଶଂସା ମଧ୍ୟ କରିଥିଲେ। ଜିଲାପାଳଙ୍କ ସହ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

# 'ଭଣ୍ଡାରିପୋଖରୀ ମାଟି ମୁକ୍ତି ସଂଗ୍ରାମର ପ୍ରତୀକ'




ମହୋତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ଅନ୍ୟ ଅତିଥିମାନେ।

ଭଣ୍ଡାରିପୋଖରୀ,୨୧।୧୦(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ମାଟି ମୁକ୍ତି ସଂଗ୍ରାମର ପ୍ରତୀକ ବୋଲି ମାଳଦା ଜଗନ୍ନାଥ ବଜାର ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଛନ୍ତି। ଅଞ୍ଜଳିର ସମ୍ପାଦକ ପ୍ରକାଶ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଭାଜପା ନେତା ବଦ୍ରିନାରାୟଣ ଧଳ ଯୋଗଦେଇ ମହୋତ୍ସବ ସମ୍ପର୍କର ସେତୁ ବାନ୍ଧୁଛି ବୋଲି କହିଥିଲେ। ସାମାଜିକ କର୍ମୀ ଶ୍ରୀଧର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସମବାୟ ସମିତି ସଭାପତି ସାଗର କୁମାର ଲେଙ୍କା, କବୟିତ୍ରୀ ତପସ୍ୱିନୀ ମହାପାତ୍ର, ଦେବାଶିଷ ପଣ୍ଡା, ଚନ୍ଦ୍ରଶେଖର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଅବସରପ୍ରାପ୍ତ ପ୍ରଫେସର ଦେବେନ୍ଦ୍ରନାଥ ରାଉତ, ଡା. ରବୀନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ମହାନ୍ତି, ଆଦିକନ୍ଦ ମହାନ୍ତିଙ୍କ ସହ ଭଦ୍ରକ ପିଲା ଗଣେଶ କମିଟି କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ସିନେ ଅଭିନେତ୍ରୀ ପୁନମ ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜଲକ୍ଷ୍ମୀ ଦଳେଇ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ବଜାର କମିଟି ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶହୀଦ ପୋଲିସଙ୍କୁ ମନେ ପକାଇଲେ

**୬୫ତମ ସ୍ମୃତି ଦିବସ**

ଭଦ୍ରକ, ୨୧।୧୦(ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ସୋମବାର ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ପୋଲିସ ବିଭାଗର କର୍ତ୍ତବ୍ୟରତ ୨୧୪ଜଣ ପୋଲିସ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ୨ଜଣ ଶହୀଦ ହୋଇଛନ୍ତି। ଭଦ୍ରକ ପୋଲିସ ପକ୍ଷରୁ ଶହୀଦମାନଙ୍କୁ ମନେ ପକାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏସ୍‌ପି ମଡକର ସନ୍ଦୀପ ସମ୍ପଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶର ସୁରକ୍ଷା ଓ ଶାନ୍ତି ରକ୍ଷା ପାଇଁ ପୋଲିସମାନଙ୍କ ବଳିଦାନ



ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

ଚିରସ୍ମରଣୀୟ ହୋଇ ରହିବ ବୋଲି ଏସ୍‌ପି କହିଥିଲେ। ଅତିରିକ୍ତ ଏସ୍‌ପି ବାମଦେବ ସିଂ, ବାସୁଦେବ ସ୍ୱାଇଁ, ଡିଆଇବି ଡିଏସ୍‌ପି ପ୍ରଭାତ ବିଶ୍ୱାଳ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ପୁରୁଣାବଜାର ଥାନାଧିକାରୀ ନିରଜ ସାମଲଙ୍କ ସହ ଜିଲା ପୋଲିସ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ଶହୀଦମାନଙ୍କୁ ସମ୍ମାନ ଜଣାଇଥିଲେ।

### ରାସ୍ତା ପାଇଁ ଅଣ୍ଟା ଭିଡ଼ିଲେ ଗାଁ ଲୋକେ

ନଳାଙ୍ଗ,୨୧।୧୦(ସାଇଶଙ୍କର ମହାକୁଳ)

ଭଦ୍ରକ ବ୍ଲକ ଅଧୀନ ଆର୍‌ଏନ୍ ବେତରା ପଞ୍ଚାୟତର ୮ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ଗ୍ରାମର ୧୫୦୦ ଲୋକ ନିର୍ଭର କରନ୍ତି। ରାସ୍ତାର ଦୁରବସ୍ଥା ନେଇ ଜିଲା ପ୍ରଶାସନର ଦୃଷ୍ଟିଗୋଚରକୁ ଆଣିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ରାସ୍ତା ପାଇଁ ଗାଁ ଲୋକେ ଅଣ୍ଟା ଭିଡ଼ିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୋମବାର ୱାର୍ଡମେମ୍ବର ସନ୍ତୋଷ ରାଉତଙ୍କ ନେତୃତ୍ୱରେ ଜଗନ୍ନାଥ ବାରିକ, ଅନନ୍ତ ବାରିକ, ମାନସ ବିଶ୍ୱାଳ, ମାନସ ମହାକୁଳ, ପ୍ରଶାନ୍ତ ରାଉତ, ଦୀନବନ୍ଧୁ ରାଉତ, ସନାତନ ଧଳ, ମହେଶ୍ୱର ରାଉତ, ଅଚ୍ୟୁତାନନ୍ଦ ପାତ୍ର, ପ୍ରଦ୍ୟୁମ୍ନ ମହାକୁଳ, ମଧୁସୂଦନ ମହାକୁଳ ପ୍ରମୁଖ ଏହି ନିଷ୍ପତ୍ତି ନେଇଛନ୍ତି।

# ମିଳିତ ଜନଶୁଣାଣିରେ ୧୦୬ ଅଭିଯୋଗ

ଧାମନଗର, ୨୧।୧୦ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଯୋଗଦେଇ ସମୁଦାୟ ୧୦୬ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୮୪ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ସମ୍ବନ୍ଧୀୟ ୪ ଆବେଦନକାରୀଙ୍କୁ ମୋଟ ୨୦ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ଜିଲାପାଳ ମଞ୍ଜୁର କରିଛନ୍ତି। ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗମାନଙ୍କୁ ୫ଟି ଟ୍ରାଇସାଇକେଲ ଓ ଗୋଟିଏ ହୁଇଲଚେୟାର ବଣ୍ଟନ କରାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଅଭିଯୋଗର ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକଙ୍କ ସହ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅଭିଯୋଗ ସମାଧାନ ଦିଗରେ ଆବଶ୍ୟକ ମତେ ଜିଲାପାଳଙ୍କଠାରେ ତଥ୍ୟ ଉପସ୍ଥାପନ କରିଥିଲେ। ସହକାରୀ ଜିଲାପାଳ ତନ୍ମୟ କୁମାର ଜେନା, ବିଡିଓ ବନ ବିହାରୀ ଦିଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ସାହୁ, ଜିଲା କାର୍ଯ୍ୟାଳୟର ସାଧାରଣ ଓ ବିବିଧ ବିଭାଗର ଲିସାରାଣୀ ରାଉତ ଉପସ୍ଥିତ ଥିଲେ।

# ଉଚ୍ଛେଦକୁ ବିରୋଧ, ବସ୍ତିବାସିନ୍ଦାଙ୍କ ଧାରଣା

ବାସୁଦେବପୁର,୨୧।୧୦(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଆର୍ଡୁଁ ପଞ୍ଚାୟତର ସଙ୍ଖାରୋ ଗ୍ରାମରେ କେତେକ ପରିବାର ସରକାରୀ ଜାଗାରେ ଦୀର୍ଘବର୍ଷ ଧରି ବସବାସ କରି ଆସୁଛନ୍ତି। ଉଚ୍ଛେଦ କରି ସରକାରୀ ଜମିକୁ ଜବରଦଖଲମୁକ୍ତ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାରୀ ଜାଗାକୁ ତୁରନ୍ତ ଖାଲି କରିବାକୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ କେତେକ ବସ୍ତିବାସିନ୍ଦା ଓ ଗ୍ରାମବାସୀ ବିରୋଧ କରିଛନ୍ତି। ସୋମବାର ସେମାନେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ପ୍ରତିବାଦ ଜଣାଇଛନ୍ତି।

ଏହି ସରକାରୀ ଜାଗାରେ ସ୍ଥାୟୀ ଭାବେ ଘରଦ୍ୱାର କରି ଶତାଧିକ ବସ୍ତିବାସିନ୍ଦା ବସବାସ କରିଆସୁଛନ୍ତି। ଏବେ ସମ୍ଭାବ୍ୟ ବାତ୍ୟା ଆସୁଥିବା ବେଳେ ଏହି ସମୟରେ ସେମାନଙ୍କ ଘରକୁ ଉଚ୍ଛେଦ ପ୍ରକ୍ରିୟାକୁ ଗ୍ରାମବାସୀ ବିରୋଧ କରିବା ସହ ପ୍ରଶାସନ ନ ଶୁଣିଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ପ୍ରକାଶ କରିଛନ୍ତି। ଘରଡିହ ନ ଥିବା ପରିବାରକୁ ତୁରନ୍ତ ଘରଡିହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ଆର୍‌ଏମ୍‌ସି ଦ୍ୱାରା ନିର୍ମାଣ ହେବାକୁ ଥିବା ଦୋକାନ ଗୃହକୁ ପୂର୍ବରୁ ଦୋକାନ ହରାଇଥିବା ବ୍ୟବସାୟୀଙ୍କୁ ପ୍ରଦାନ ପାଇଁ ଦାବି କରାଯାଇଛି।




ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ବସ୍ତିବାସିନ୍ଦା।

# ଉଚ୍ଛେଦ ପୂର୍ବରୁ ଘର ଭାଙ୍ଗିଦେଲେ ପ୍ରଧାନଶିକ୍ଷକ



ତିହିଡ଼ି,୨୧।୧୦(ସଞ୍ଜିତ ବଳ)

- ସରକାରୀ ଜାଗା ଜବରଦଖଲ ନେଇ ହୋଇଥିଲା ଅଭିଯୋଗ
- ପୂର୍ବରୁ ଜେସିବି ସାମ୍ନାରେ ଶୋଇ ପ୍ରତିବାଦ କରିଥିଲେ

ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନର ପ୍ରସ୍ତୁତି ସରିଥିଲା। ପ୍ରଶାସନିକ ଅଧିକାରୀ ଓ ତହସିଲ କାର୍ଯ୍ୟାଳୟର କର୍ମଚାରୀ ସୋମବାର ସକାଳେ ତିହିଡ଼ି ବ୍ଲକର ତାଳପଦାସ୍ଥିତ କାନ୍ତକବିଙ୍କ ପୀଠ ନିକଟରେ ପୋଲିସକୁ ଅପେକ୍ଷା କରିଥିଲେ। ଏହି ସମୟ ମଧ୍ୟରେ ନିଜ ଘରକୁ ନିଜେ ଭାଙ୍ଗି ଦେଇଛନ୍ତି ପ୍ରଧାନ ଶିକ୍ଷକ। ପ୍ରଶାସନର ମାପଚୁପରେ ତାଙ୍କ ଘର ସାମ୍ନା ପଟର ଯେଉଁ ଅଂଶ ସରକାରୀ ଜାଗା ଅନ୍ତର୍ଭୁକ୍ତ ଥିବା ଚିହ୍ନଟ ହୋଇଥିଲା, ସେ ତାହାକୁ ଜେସିବି ଦ୍ୱାରା ଭାଙ୍ଗି ଦେଇଛନ୍ତି। ପରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଜେସିବି ସହାୟତାରେ ଘର ଭାଙ୍ଗିବାକୁ ଉଦ୍ୟମ କରାଯିବାରୁ ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀ ସରପଞ୍ଚ ଜୟଶ୍ରୀ ବେହେରା ଓ ପୁତୁରା ବିରୋଧ କରି ପାଟିତୁଣ୍ଡ କରିଥିଲେ। ଏହି ଘଟଣାରେ ପୋଲିସ ସରପଞ୍ଚ, ତାଙ୍କ ସ୍ୱାମୀ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ବେହେରା ଓ ପୁତୁରା ପ୍ରଦୀପ ବେହେରାଙ୍କୁ ଥାନାକୁ ନେଇ ଅଟକ ରଖିଥିବା ଜଣାଯାଇଛି।

ପ୍ରକାଶ ଯେ, ତାଳପଦାରୁ ଭୂୟାଁଉଆସ ଭାୟା ବୈକୁଣ୍ଠସାହି ରାସ୍ତାକୁ ଜବରଦଖଲ କରି ପ୍ରଧାନ ଶିକ୍ଷକ ଘର କରିଥିବା ନେଇ ଅଭିଯୋଗ ହୋଇଥିଲା। ଗତ ୧୭ ତାରିଖରେ ପ୍ରଶାସନ ପକ୍ଷରୁ ସରପଞ୍ଚ ବେହେରାଙ୍କ ଘର ଭାଙ୍ଗିବା ଆରମ୍ଭ ହେବା ପରେ ସେ ଜେସିବି ସାମ୍ନାରେ ଶୋଇ ପ୍ରତିବାଦ କରିଥିଲେ। ତାଙ୍କ ସ୍ୱାମୀ ପ୍ରଧାନ ଶିକ୍ଷକ ବେହେରା ୧୫ ଦିନ ସମୟ ଦେବାକୁ ଅନୁରୋଧ କରିବାରୁ ପ୍ରଶାସନିକ ଅଧିକାରୀମାନେ ଘର ନ ଭାଙ୍ଗି ଫେରି ଯାଇଥିଲେ। ରବିବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଜବରଦଖଲ ସ୍ଥଳରେ ୧୬୩ ଧାରା ଜାରି କରାଯାଇଥିଲା। ସୋମବାର ଜବରଦଖଲ ଉଚ୍ଛେଦ ହେବ ବୋଲି ସୂଚନା ଦିଆଯାଇଥିଲା। ପରେ ରାସ୍ତାରୁ ଉଚ୍ଛେଦ ସମୟରେ ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଧାମନଗର ତହସିଲଦାର ଦୀପକ କୁମାର ଦାସ, ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ତହସିଲଦାର ନମିତା ଧଳ, ଚାନ୍ଦବାଲି ଅତିରିକ୍ତ ତହସିଲଦାର ଠାକୁର ଦାସ, ତିହିଡ଼ି ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଛେଦ ଦ୍ୱାରା ତାଙ୍କ ସମ୍ପୂର୍ଣ୍ଣ ଘର କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ସେ ନିଜେ ଘର ଭାଙ୍ଗି ଦେଇଥିବା ପ୍ରଧାନଶିକ୍ଷକ କହିଛନ୍ତି।

# ଚାନ୍ଦବାଲିରେ କାନାରା ବ୍ୟାଙ୍କର ନୂତନ ଶାଖା




ଉଦ୍‌ଘାଟନ ଅବସରରେ ବ୍ୟାଙ୍କର ଅଧିକାରୀ ଓ ଅନ୍ୟମାନେ।

ଚାନ୍ଦବାଲି,୨୧।୧୦(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି କାଳୀ ମନ୍ଦିର ନିକଟରେ କାନାରା ବ୍ୟାଙ୍କର ନୂତନ ଶାଖା ସୋମବାର ଉଦ୍‌ଘାଟିତ ହୋଇଯାଇଛି। କାନାରା ବ୍ୟାଙ୍କର ଓଡ଼ିଶା ହେଡ୍ ଜେନେରାଲ ମ୍ୟାନେଜର ଜଗଦୀଶ ଚନ୍ଦ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭଦ୍ରକ ରିଜୋନାଲ ହେଡ୍, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଭି ଆଗିଲାନ, ଏଲ୍‌ଡିଏମ୍ ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବ୍ୟାଙ୍କରେ ମୁଖ୍ୟତଃ କୃଷି ଋଣ, ସ୍ୱୟଂସହାୟକ ଗୋଷ୍ଠୀ ଋଣ, ସୁନା ଋଣ, ଗୃହ, ଶିକ୍ଷା ଋଣ ଆଦି ସହ ଗ୍ରାହକମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦିଆଯିବ ବୋଲି ନୂତନ ଶାଖାର ପ୍ରବନ୍ଧକ ସଞ୍ଜୀବ କୁମାର ନାୟକ କହିଛନ୍ତି। ପ୍ରଥମ ଦିନରେ ବ୍ୟାଙ୍କ ପକ୍ଷରୁ ଜଣେ ମହିଳାଙ୍କୁ ହୋମ୍ ଲୋନ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ତରଣୀସେନ ପଣ୍ଡା, ଶିକ୍ଷକ ଅମୂଲ୍ୟ ରାଉତ, ବରିଷ୍ଠ ନେତା ଅଶୋକ ବଳ, ନିମାଇଁ ଚରଣ ଦାସ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ।

# ବନବାସୀଙ୍କୁ ଶୋଷଣ କରୁଛନ୍ତି ବେପାରୀ

## ସମାଧାନ କରିବାକୁ ଦାବି

କେନ୍ଦୁଝର,୨୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରଶାସନିକ ଅବହେଳା କାରଣରୁ କେନ୍ଦୁଝର ଜିଲାର ବନବାସୀମାନେ ବେପାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଦୁର୍ଗମ ଅଞ୍ଚଳରୁ ସହରକୁ ବନଜାତ ଦ୍ରବ୍ୟ ବିକ୍ରି କରିବାକୁ ଆସୁଥିବା ବନବାସୀଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକର ବଣପାହାଡ଼ ଘେରା ତଥା ଦୁର୍ଗମ ଅଞ୍ଚଳରୁ ଅନେକ ବନବାସୀ ସେମାନଙ୍କ ଉତ୍ପାଦିତ ବା ସଂଗୃହିତ ବନଜାତ ଦ୍ରବ୍ୟ ଯଥା ଦାନ୍ତକାଠି, ପତ୍ର, ଫଳମୂଳ, ପନିପରିବା, ଔଷଧୀୟ ଜଡିବୁଟି ଆଦି ଆଣି କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ବସି ବିକ୍ରି କରିଥାନ୍ତି। ବିକ୍ରିବଟା କରିବା ପରେ ପଇସା ସହିତ ତେଲ ଲୁଣ, ଲୁଗାପଟା ଆଦି ସାମଗ୍ରୀ କିଣି ଘରକୁ ଫେରନ୍ତି। କେହି କେହି ସପ୍ତାହରେ ରବିବାର ଅର୍ଥାତ ସାପ୍ତାହିକ ହାଟ ଦିନରେ ଆସିଥାନ୍ତି ତ କେହି ୨/୩ ଦିନରେ ଥରେ ଆସିଥାନ୍ତି। କେହି ଏକୁଟିଆ ଆସିଥାନ୍ତି ତ କେହି ଦଳ ଦଳ ହୋଇ ଆସିଥାନ୍ତି। ଏଭଳି ସବୁଦିନିଆ ଘଟଣା ଦେଖିବାକୁ ମିଳିଥାଏ। ଏହି



ବନବାସୀ ମହିଳାମାନେ ସହରରେ ପରିବା ସହ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି।

ବନବାସୀମାନେ ବିଶେଷ କରି ବସ୍, ଜିପ୍ ତଥା ଅଟୋରେ ଭଡ଼ା ଦେଇ ଆସିଥାନ୍ତି। ପାହାଡ଼ିଆ ସାମଗ୍ରୀ ପ୍ରାକୃତିକ ପରିବେଶରେ ହେଉଥିବାରୁ ଏବଂ ବିନା ସାରରେ ହେଉଥିବାରୁ ଏହାର ଚାହିଦା ଅଧିକ ଥାଏ। ସକାଳ ହେଲେ ଅନେକ ଲୋକ ଅପେକ୍ଷା କରିଥାନ୍ତି ଏହି ବନଜାତ ଦ୍ରବ୍ୟ କିଣି ଘରକୁ ନେଇଥାନ୍ତି। କିନ୍ତୁ ଅନେକ ସମୟରେ ବନବାସୀମାନେ ବେପାରୀଙ୍କ ଦ୍ୱାରା ଠକାମିର ଶୀକାର ହୋଇଥାନ୍ତି। ଖାଉଟିମାନେ ମଧ୍ୟ ସେହି ସାମଗ୍ରୀକୁ ବେପାରୀଙ୍କଠାରୁ ଅଧିକ ଦାମ୍‌ରେ କିଣି କ୍ଷତିଗ୍ରସ୍ତ ହୋଇଥାନ୍ତି। ଏଣୁ ଅନେକ ସମୟରେ ବନବାସୀ-ବେପାରୀ ଏବଂ ଖାଉଟି-ବେପାରୀଙ୍କ ମଧ୍ୟରେ ବିବାଦ ଉପୁଜିଥାଏ। ଆଦିବାସୀଙ୍କୁ ବେପାରୀଙ୍କ ଶୋଷଣରୁ ମୁକ୍ତ କରିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହା ବୃଦ୍ଧି ପାଇବାରେ ଲାଗୁଛି। ଏଣୁ ଏହାକୁ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ପ୍ରଶାସନଠାରେ ଦାବି କରିଛନ୍ତି। ବନବାସୀମାନେ ସହରରେ ବସି ସାମଗ୍ରୀ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ବିଶ୍ରାମ ଓ ପାନୀୟ ଜଳ ସୁବିଧା କରିବା, ସେମାନେ ସାଙ୍ଗରେ ଧରି ଆସୁଥିବା ଛୋଟ ଛୋଟ ପିଲାଙ୍କ ପାଇଁ କ୍ରେଚ ବ୍ୟବସ୍ଥା କରାଯାଇପାରିଲେ ସେମାନେ ଉପକୃତ ହେବା ସହ ଶୋଷଣରୁ ମୁକ୍ତ ହୋଇ ପାରିବେ ବୋଲି ଶୁଆକାଟି ପାଟେଶ୍ୱର +୨ କଲେଜର ଅଧ୍ୟକ୍ଷ ରାମାକାନ୍ତ ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ବନୀକରଣରେ ଅନିୟମିତତା

କେନ୍ଦୁଝର,୨୧।୧୦(ନରେଶଚନ୍ଦ୍ରପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡରେ ବନୀକରଣରେ ବ୍ୟାପକ ଅନିୟମିତତାକୁ ଧରିଛି ସୋସିଆଲ ଅଡିଟ୍ ଟିମ୍। ପାଟଣା ରେଞ୍ଜ୍ ସରାଶପଶି ପଞ୍ଚାୟତ ଅଧୀନ ଭରାଣ୍ଡିଆ ଏଏନ୍‌ଆର ବନୀକରଣରେ ଏହି ଅନିୟମିତତା ଧରାପଡ଼ିଛି। କାର୍ଡ ନମ୍ବର ୨୪୦୩୦୦୪/ଡିପି/୧୦୪୮୦୫୦୨ରେ ପାଟଣା ରେଞ୍ଜ୍‌ରେ ୧୦୦ ହେକ୍ଟର ଜମିରେ ବନ ବିଭାଗ ପକ୍ଷରୁ ବନୀକରଣ କରାଯାଇଥିଲା। ଏହି ବନୀକରଣରେ ତୃତୀୟ ବର୍ଷ ରକ୍ଷଣାବେକ୍ଷଣରେ ସାମଗ୍ରୀ କ୍ରୟ ବାବଦ ୧୪ ହଜାର ୯୯୦ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲା। ସାମଗ୍ରୀ ବାବଦ ଏହି ଅର୍ଥକୁ ବନୀକରଣ କାମରେ ଖର୍ଚ୍ଚ ନ କରି ନିୟମ ବହିର୍ଭୂତ କମ୍ପ୍ୟୁଟର ପେପର, କାର୍ବନ ପେପର, ରେଜିଷ୍ଟର, ଆଲପିନ ବକ୍ସ କିଣାଯାଇଥିଲା, ଯାହାକି ଅଡିଟ ବେଳେ ଧରାପଡ଼ିଥିଲା। ଏପରିକି ଏହି ସାମଗ୍ରୀ ଅଫିସ୍ ଷ୍ଟେସେନେରୀ ସାମଗ୍ରୀ ବିକ୍ରୟ କରୁଥିବା ଦୋକାନରୁ ନ ଆଣି ସିମେଣ୍ଟ, ଇଟା, ଲୁହାରଡ୍, ମାର୍ବଲ ବିକ୍ରୟ କରୁଥିବା ଏକ ଦୋକାନରୁ କ୍ରୟ କରାଯାଇଥିଲା। ବିଲ୍, ଭାଉଚର ଯାଞ୍ଚ ବେଳେ ଏଭଳି ଅନିୟମିତତା ଧରାପଡ଼ିବା ପରେ ଦୋଷୀ ଅଧିକାରୀଙ୍କଠାରୁ ଏହି ଅର୍ଥ ଆଦାୟ ହୋଇ ନ ଥିବାବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନମଧ୍ୟ ଗ୍ରହଣ କରାଯାଇ ନାହିଁ।

# ଆୟୁଷ୍ମାନ ଆରୋଗ୍ୟ ଶିବିର

ବଉଳା, ୨୧।୧୦(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ମେଡିକାଲ ଡାକ୍ତର ଅନିଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରୋଗୀମାନଙ୍କ ଚିକିତ୍ସା ସହ ଯୋଗ ଶିକ୍ଷା ମଧ୍ୟ ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ରୋଗୀ ଉପସ୍ଥିତ ରହି ଚିକିତ୍ସା ସୁବିଧା ନେଇଥିଲେ। ଆୟୁଷ ଡାକ୍ତର ଅନନ୍ୟା ଲେଙ୍କା, ଷ୍ଟାଫନର୍ସ ମମତା ରାଉତ ଓ ଫାର୍ମାସିଷ୍ଟ ସତ୍ୟ ସାହୁ ଉପସ୍ଥିତ ଥିଲେ।

# ବାତ୍ୟା ଆଶ୍ରୟସ୍ଥଳ ବୁଲି ତଦାରଖ କଲେ ବିଡିଓ

ବଉଳା, ୨୧।୧୦(ଦୁର୍ଗା ପ୍ରସାଦ ଆୟଚ):

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲା ହାଟଡିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ହାବଳେଶ୍ୱର, କରଗୋଳା ଓ ରତକଣାକୁ ଯାଇ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖିବା ସହ ତଦାରଖ କରିଛନ୍ତି। ପଞ୍ଚାୟତଗୁଡ଼ିକର ସରପଞ୍ଚଙ୍କ ସହ ବିଡିଓ ଆଲୋଚନା କରିଛନ୍ତି। ବାତ୍ୟା ହେଲେ କିଭଳି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯିବ ଓ ସୁବ୍ୟବସ୍ଥା କରାଯିବ, ସେନେଇ ଏକ ମାଷ୍ଟରପ୍ଲାନ କରାଯାଇଛି। କିଏ କେଉଁ ଦାୟିତ୍ୱରେ ରହିବେ ଏବଂ ସେହି ସମୟରେ ଲୋକେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ବ୍ଲକର ଯନ୍ତ୍ରୀ, ପିଇଓ, ଡିଇଓ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଛି। ବ୍ଲକରେ ଥିବା ୩ଟି ବାତ୍ୟା ଆଶ୍ରୟସ୍ଥଳୀ ବୁଲି ତଦାରଖ କରିଛନ୍ତି। ବନ୍ୟା ଓ ବାତ୍ୟା ଆସିଲେ ଯେଭଳି ସମସ୍ୟା ସୃଷ୍ଟି ନ ହେବ ସେଥିପାଇଁ ଏକ ମାଷ୍ଟରପ୍ଲାନ କରାଯାଇଥିବା ବିଡିଓ କହିଥିଲେ।




ବାତ୍ୟା ଆଶ୍ରୟସ୍ଥଳୀକୁ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ପରିଦର୍ଶନ କରୁଛନ୍ତି।

# ବନ୍ଧୁମିଳନ, ସମ୍ବର୍ଦ୍ଧନା ସଭା



ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟମାନେ।

## ଅବସରପ୍ରାପ୍ତ ସରକାରୀ ମୋଟର କର୍ମଚାରୀ ସଂଘ

କେନ୍ଦୁଝର,୨୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ଅବସରପ୍ରାପ୍ତ ସରକାରୀ ମୋଟର କର୍ମଚାରୀ ସଂଘ କେନ୍ଦୁଝର ଜିଲା ଶାଖାର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହେମନ୍ତ କୁମାର ନାଥ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରତିବର୍ଷ ଭଳି ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଶ୍ରେଷ୍ଠ ଗାଡ଼ି ଚାଳକ ଭାବେ ପୁରସ୍କାର ପାଇଥିବା ସର୍ଫରାଜ ଅହମ୍ମଦଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଅବସର ଗ୍ରହଣ କରିଥିବା ଗାଡ଼ି ଚାଳକ ହେମନ୍ତ କୁମାର ସାହୁ, ସେରିକଲଚର ଅଫିସ କେନ୍ଦୁଝର, ଏମଭି ଏନାମୁଲ୍ଲା ଆନସାରୀ, ଯୋଡ଼ା ବ୍ଲକ, ଶଙ୍କର ନାଏକ, ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଓ ସରଫରାଜ ଅହମ୍ମଦଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ସଂଘର ସମ୍ପାଦକ ମନୋଜ କୁମାର ଦାସ ସଭା ପରିଚାଳନା କରିଥିଲା ବେଳେ ସଂଘର ଉପଦେଷ୍ଟା ସତ୍ୟନାରାୟଣ ମହାନ୍ତି, ପ୍ରମୋଦ କୁମାର ସ୍ୱାଇଁ, ଗୌରହରି ବେହେରା, କମଳାକାନ୍ତ ସିଂହ ଅବସରଗ୍ରହଣ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବନମାଳୀ ତରାଇ ଧନ୍ୟବାଦ ଦେଇଥିଲେ। ଚୈତନ୍ୟ ରଣା, ରାଜକିଶୋର ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଶହୀଦ ପୋଲିସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି




ପୋଲିସ ଶହୀଦ ସ୍ମୃତି ଦିବସରେ ପ୍ରଦର୍ଶିତ ପରେଡ୍।

କେନ୍ଦୁଝର, ୨୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପୋଲିସ ପକ୍ଷରୁ ସୋମବାର ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିବା ସହ ଦେଶମାତୃକା ପ୍ରତି ତ୍ୟାଗ ଓ ବଳିଦାନ କରିଥିବା ଶହୀଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯେଉଁ ପୋଲିସ କର୍ମଚାରୀମାନେ ଦେଶମାତୃକା ପାଇଁ ପ୍ରାଣ ଦେଇଛନ୍ତି ତାଙ୍କର ନିଷ୍ଠା, ତ୍ୟାଗ ଓ ବଳିଦାନ ଅନ୍ୟ କର୍ମଚାରୀଙ୍କ ପ୍ରତି ସର୍ବଦା ଦିଗ୍‌ଦର୍ଶନ ଭାବେ ପ୍ରେରଣା ଯୋଗାଇବ ବୋଲି ଆରକ୍ଷୀ ଅଧୀକ୍ଷକ କହିଥିଲେ। ୨୦୨୩ ସେପ୍ଟେମ୍ବର ୧ରୁ ୨୦୨୪ ଅଗଷ୍ଟ ୩୧ ମଧ୍ୟରେ ସମଗ୍ର ଦେଶରେ ୨୧୬ଜଣ କର୍ତ୍ତବ୍ୟରତ ପୋଲିସ କର୍ମଚାରୀ ଶହୀଦ ହୋଇଥିବା ବେଳେ ଓଡ଼ିଶାରୁ ଶହୀଦ ହାବିଲଦାର ପ୍ରଦୀପ କୁମାର ମଲ୍ଲିକ ଓ କନ୍‌ଷ୍ଟେବଲ ହିମାଂଶୁ ଶେଖର ରଥଙ୍କ ନାମ ଏସ୍‌ପି ଶୁଣାଇଥିଲେ। ଏଥିସହ ଶହୀଦମାନେ ପଢ଼ିଥିବା ବିଦ୍ୟାଳୟରେ ଜିଲାର ବିଭିନ୍ନ ଥାନା ପକ୍ଷରୁ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୪ ଏନ୍‌ସିସି ବାଟାଲିୟନ କମାଣ୍ଡିଂ ଅଫିସର ଲେଫ୍‌ଟନାଣ୍ଟ କର୍ନେଲ ମୟୁର ଘାର୍ଗେ, ଡିଏସ୍‌ପି ଡିଆଇବି ଜ୍ୟୋତିର୍ମୟ ଭୁକ୍ତା, ଡିଏସ୍‌ପି ପ୍ରଭା ଧାନ୍, ମମତା ନାୟକ, ଗୁରୁବାରୀ ହେମ୍ବ୍ରମ, ଜିତେନ୍ଦ୍ର କୁମାର ଦଳେଇ, ଆରକ୍ଷୀ ନିରୀକ୍ଷକ ମାନସ କୁମାର ବେହେରା, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଟାଉନ ଥାନା ଅଧିକାରୀ ବିଭସ ପ୍ରଧାନଙ୍କ ସମେତ ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ବହୁ ବରିଷ୍ଠ ପୋଲିସ ପଦାଧିକାରୀ ରିଜର୍ଭ ପୋଲିସ ପଡ଼ିଆସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# କୋଇଡାକୁ ହରାଇ ଟାଟା ଷ୍ଟିଲ ଚାମ୍ପିୟନ

## ଟାଟା ଷ୍ଟିଲ ମିଡିଆ ମୈତ୍ରୀ କପ୍ ଫୁଟବଲ ଟୁର୍ନାମେଣ୍ଟ

ଯୋଡ଼ା, ୨୧।୧୦(ମାନସ ମହାନ୍ତି)

ଟାଟା ଷ୍ଟିଲ ଲିମିଟେଡ ଆନୁକୂଲ୍ୟରେ ଆୟୋଜିତ ଏକ-ଦିବସୀୟ ମିଡିଆ ମୈତ୍ରୀ କପ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ କେନ୍ଦ୍ରୀୟ ଖେଳପଡିଆରେ ରବିବାର ଆୟୋଜିତ ହୋଇଛି। ଏଥିରେ ବଡ଼ବିଲ ଏକାଦଶ, କେନ୍ଦୁଝର ଏକାଦଶ, କୋଇଡା ଏକାଦଶ, ଯୋଡା ଏକାଦଶ, ଚମ୍ପୁଆ ଏକାଦଶ, ଟାଟା ଷ୍ଟିଲ ଏକାଦଶ ଏହି ୬ଟି ଦଳକୁ ନେଇ ଆୟୋଜିତ ଟୁର୍ନାମେଣ୍ଟରେ କୋଇଡା ଏକାଦଶକୁ ହରାଇ ଟାଟା ଷ୍ଟିଲ ଏକାଦଶ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ (ଓଏମ କ୍ୟୁ) ର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଯୋଡାର ମୁଖ୍ୟ ରାଜେଶ କୁମାର, କଳମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଇସ୍ପାତ ଖଣିର ମୁଖ୍ୟ ରାହୁଲ କିଶୋର, ସ୍ଲରି ପାଇପଲାଇନ ମୁଖ୍ୟ ପ୍ରବୀଣ ଶ୍ରୀବାସ୍ତବ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିବା ବେଳ ପେନାଲ୍ଟି ସୁଟଆଉଟ ଯୋଗେ ଟାଟା ଷ୍ଟିଲ ଏକାଦଶ କୋଇଡା ଏକାଦଶକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଫାଇନାଲ ମ୍ୟାଚରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିବା ଯୋଗୁ ଟାଟା ଷ୍ଟିଲ ଏକାଦଶର ସାର୍ଥକ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରଯାଇଥିବା ବେଳେ ଟାଟା ଷ୍ଟିଲ ଏକାଦଶର ସଂଜୀବ ଡୋଗରାଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରଯାଇଥିଲା। ଏହାପୂର୍ବରୁ ଟାଟା ଷ୍ଟିଲ ଏକାଦଶ ଏବଂ ଚମ୍ପୁଆ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରଥମ ନକଆଉଟ ମ୍ୟାଚରେ ଟାଟା ଷ୍ଟିଲ ଏକାଦଶ ୫- ୦ଗୋଲରେ ବିଜୟ ଲାଭ କରିଥିଲା। ସେହିପରି ଯୋଡା ଏକାଦଶ ଏବଂ ବଡବିଲ ଏକାଦଶ ମଧ୍ୟରେ ହୋଇଥିବା ଦ୍ୱିତୀୟ ନକ ଆଉଟ ମ୍ୟାଚରେ ଯୋଡା ଏକାଦଶ ୩-୦ ଗୋଲରେ ବିଜୟ ଲାଭ କରିଥିଲା। କେନ୍ଦୁଝର ଏକାଦଶ ଓ କୋଇଡା ଏକାଦଶ ମଧ୍ୟରେ ହୋଇଥିବା ତୃତୀୟ ନକ ଆଉଟ ମ୍ୟାଚରେ କୋଇଡା ଏକାଦଶ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ଯୋଡା ଏକାଦଶ ଓ କୋଇଡା ଏକାଦଶ ମଧ୍ୟରେ ଆୟୋଜିତ ଚିତ୍ତାକର୍ଷକ ସେମି ଫାଇନାଲ ମ୍ୟାଚରେ କୋଇଡା ଏକାଦଶ ୪-୦ ଗୋଲରେ ବିଜୟ ଲାଭ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ମିଡିଆ ମୈତ୍ରୀ ଫୁଟବଲ କପ୍ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଟାଟାଷ୍ଟିଲ ଗୋଷ୍ଠୀ ନିୟୋଜନକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ପଞ୍ଚାୟତ କାର୍ଯ୍ୟାଳୟରେ ଅନୈତିକ କାର୍ଯ୍ୟ

## ଅଧିକାରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

ଯୋଡ଼ା, ୨୧।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ଏକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଓ ଜଣେ ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଭିଡିଓ ଭାଇରାଲ ହେବାରେ ଲାଗିଛି। ସରକାରୀ ହ୍ୱାଟସଆପ୍ ଗ୍ରୁପରେ ଏହି ଭିଡିଓଟି ପ୍ରଘଟ ଘଟଣା ସମଗ୍ର ଯୋଡ଼ା ବ୍ଲକରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଜଣକ ଉକ୍ତ ମହିଳାଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ଭିଡିଓରୁ ସ୍ପଷ୍ଟ ଜଣାପଡୁଛି। ଏହି ଅଶ୍ଳୀଳ ଭିଡିଓ କେବେ ରେକର୍ଡିଂ ହୋଇଛି ତାହା ଠିକ୍ ଭାବେ ଜଣାପଡ଼ି ନ ଥିବା ବେଳେ ଗତ ସେପ୍ଟେମ୍ବରରେ ଏହା ପ୍ରଘଟ ହୋଇଥିବା ଜଣାପଡିଛି। ଏହି ଭିଡିଓଟିରେ ଥିବା ସମ୍ପୃକ୍ତ ମହିଳାଜଣକ ଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟ କରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଘଟଣା ବାବଦରେ ବ୍ଲକର ସମସ୍ତ ଅଧିକାରୀ ଜାଣି ମଧ୍ୟ କାହିଁକି ନୀରବ ରହିଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେବା ସହିତ ସରପଞ୍ଚ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏହି ଘଟଣାକୁ ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ପ୍ରସ୍ତୁତ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ଯୋଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ କାହ୍ନୁଚରଣ ମାଝିଙ୍କୁ ପଚାରିବାରୁ ଏ ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ, ସାଧାରଣ ବଣ୍ଟନ ବିଭାଗ କହିପାରିବ ବୋଲି ସେ କହିଛନ୍ତି।

# 'ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଦେଇଛି ସଫଳତା'

## ଓସିଏସ୍‌ରେ କୃତୀ ପ୍ରମୋଦ

ପାଟଣା,୨୧।୧୦ (ବୀର କିଶୋର ଦାଶ):

ଅର୍ଥାଭାବ, ଦାରିଦ୍ର୍ୟତା ଚଲାପଥରେ ପ୍ରତିବନ୍ଧକ ସାଜିପାରି ନାହିଁ। ଦୃଢ଼ ଇଚ୍ଛାଶକ୍ତି, ଏକାଗ୍ରତା ଓ ଅଧ୍ୟବସାୟ ବଳରେ ଜଣେ ଅସାଧ୍ୟକୁ ମଧ୍ୟ ସାଧ୍ୟ କରିପାରନ୍ତି। ଏହାକୁ ସତରେ ପରିଣତ କରିଛନ୍ତି କେନ୍ଦୁଝର ଜିଲା ପାଟଣା ବ୍ଲକର ଏରେଣ୍ଡେଇ ପଞ୍ଚାୟତ କୋଠାଘର ଗ୍ରାମ କୁଦୁର ସାହିର ପ୍ରମୋଦ କୁମାର ମହାନ୍ତ। ସେ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ୧୪୪ ର୍‍ୟାଙ୍କ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଅତି ଗରିବ ଚାଷୀ ପରିବାର ହରିଶ ଚନ୍ଦ୍ର ମହାନ୍ତ ଓ ପ୍ରମିଳା ମହାନ୍ତଙ୍କ ପୁଅ ପ୍ରମୋଦ ପିଲା ବେଳୁ କୌଣସି ଟ୍ୟୁସନ, କୋଚିଂ କିମ୍ବା ଭଲ ପାଠ୍ୟ ଉପକରଣ ପାଇନାହାନ୍ତି। ନିଜର ଅଧ୍ୟବସାୟ ବଳରେ ସେ ସଫଳତା ପାଇଛନ୍ତି। ତୃତୀୟ ଥର ଚେଷ୍ଟା କରି ପରୀକ୍ଷା ଦେଇ ସେ ଓଏଏସ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଦୈନିକ ସେ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ତାଙ୍କ ସଫଳତାର ଶ୍ରେୟ ସେ ମା' ବାପା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି। ପ୍ରଶାସନିକ ସେବାରେ ଯୋଗଦେବା ପରେ ସରକାରୀ ସୁବିଧା ସୁଯୋଗ ବାଟମାରଣା ନ ହୋଇ କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ କାର୍ଯ୍ୟ କରିବା ଉପରେ ତାଙ୍କର ପ୍ରାଥମିକତା ରହିବ। ତାଙ୍କ ଭଳି ଗ୍ରାମାଞ୍ଚଳ ଯୁବତୀ ଯୁବକ କିଭଳି ଆଗକୁ ବଢ଼ିବେ, ସେନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଏରେଣ୍ଡେଇ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରମୋଦ କୁମାର ମହାନ୍ତ।

# ପାଟଣା ରେଞ୍ଜରେ ୨୯ଟିକିଆ ହାତୀପଲ

## ଧାନ ନଷ୍ଟ କଲେ, ଭାଙ୍ଗିଲେ ୨ ଘର

ପାଟଣା, ୨୧।୧୦(ବୀରକିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୨୯ ଟିକିଆ ବଣୁଆ ହାତୀପଲଙ୍କ ଉପଦ୍ରବ ଥମିବାର ନାଁ ଧରୁନାହିଁ। ରବିବାର ବିଳମ୍ବିତ ରାତିରେ ମଲ୍ଲୀପଶି ବିଟ ଖମୁଆଁ ଗ୍ରାମର ଉମେଶ ଦଳେଇଙ୍କ ଦୁଇ ବଖରା ଖପର ଘର ଓ ଗୁଠୁଭୂଇଁର ରଥିଆ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଘର ଭିତରେ ଥିବା ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏଥିସହ ହାତୀପଲ ବ୍ୟାପକ ଥୋଡ ଖାଇବା ସହ ଦଳି ମାଡି ନଷ୍ଟ କରିଛନ୍ତି। ହାତୀପଲ ସୋମବାର ସନ୍ଧ୍ୟାରେ ମଲ୍ଲିପଶି ବିଟ୍ ରାମଚନ୍ଦ୍ରପୁର ଡିପିଏଫରେ ଡେରା ପକାଇଛନ୍ତି। ହାତୀପଲ ସୋମବାର ଅପରାହ୍ନରେ ଡଳଙ୍ଗପାଣି ଜଙ୍ଗଲରେ ଡେରା ପକାଇ ଜଙ୍ଗଲ ନିକଟରେ ଥିବା ଘୁଣ୍ଟିଝରି ପୋଖରୀରେ ଜଳକ୍ରୀଡା କରିଥିଲେ।



ହାତୀ ଭାଙ୍ଗିଦେଇଥିବା ଘର।

# ଅଭିଯୁକ୍ତଙ୍କୁ ଗିରଫ ଦାବି

କେନ୍ଦୁଝର, ୨୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସଦର ଥାନା ଅଧୀନ ମୁରୁସୁଆଁ ଗ୍ରାମରେ ଥିବା ବ୍ରାଣ୍ଡ ଷ୍ଟିଲ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍‌ରେ ଜଣେ କର୍ମଚାରୀଙ୍କୁ ଗାଳିଗୁଲଜ ଓ ଧମକ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି ହେଉଛି। ଗତ ୧୬ ତାରିଖରେ ଏହି ଘଟଣା ଘଟିଥିଲା। ସକାଳ ୭ଟା ୩୦ରେ ଇପିଏଫ୍ କଟାଯାଉଥିବା ବେଳେ ଅଭିଯୋଗକାରୀ ଲଛମନ ମାଝୀ ଓ ଅନ୍ୟମାନେ କାରଖାନାର ମ୍ୟାନେଜମେଣ୍ଟକୁ ପଚାରିଥିଲେ। ଏହାକୁ ନେଇ କାରଖାନା ଅଧୀନରେ କାମ କରୁଥିବା ଠିକାଦାରଙ୍କ ସମେତ ମ୍ୟାନେଜମେଣ୍ଟର କେତେଜଣ କର୍ମଚାରୀ ସେମାନଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ ବୋଲି ଲଛମନ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ଠେଲାପେଲା କରି କାରଖାନାରୁ ବାହାର କରିଦେବା ସହ କାମରୁ ବାହାର କରିଦେବାକୁ ଧମକ ଦେଇଥିଲେ। ଭୟରେ ସେ ଓ ତାଙ୍କ ସହଯୋଗୀମାନେ ପ୍ରତିବାଦ କରି ନ ପାରି ଚୁପ୍ ରହିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ନେଇ ଲଛମନଙ୍କ ସମେତ ସହଯୋଗୀମାନେ ୧୬ ତାରିଖରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ. ୫୫୨/୨୪) ରୁଜୁ କରିଥିଲା। ପୋଲିସ ଘଟଣାର ତଦନ୍ତ କରୁଥିଲେ ହେଁ ଅଭିଯୁକ୍ତମାନେ ଗିରଫ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣେ ଆଦିବାସୀଙ୍କ ପ୍ରତି ଏଭଳି ଅନ୍ୟାୟକୁ ପୋଲିସ କୌଣସି ଚାପରେ ପଡ଼ି ଗିରଫ କରୁନାହିଁ। ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପୂର୍ବତନ ବିଧାୟକ ତଥା ଆଦିବାସୀ ନେତା ସୁବର୍ଣ୍ଣ ନାୟକ ଦାବି କରିଛନ୍ତି।

